- ## କଠିନ ଶବ୍ଦର ଅର୍ଥ :

| | |
|---|---|
| କରୁଣ ପ୍ରତିମା | ଦୁଃଖର ପ୍ରତିମୂର୍ତ୍ତି |
| ରମଣୀ | ନାରୀ |
| ପ୍ରଭାତୁ | ସକାଳଠାରୁ |
| ସହିଷ୍ଣୁତା | ସହିବାଗୁଣ |
| ପାଇଟି | କାମ |
| ସେବେ | ସେବା କରେ |
| ବିଷାଦ | ଦୁଃଖ |
| ଦେଶାଚାର | ଚଳଣି |
| ନିଗଡ଼େ | ବନ୍ଧନରେ |
| ଅଙ୍କଲକ୍ଷ୍ମୀ | ପ୍ରିୟତମା |
| ଦୂର୍ଦ୍ଦଶା | ଖରାପ ଅବସ୍ଥା |
| ବୀରାଙ୍ଗନା | ବୀରାରମଣୀ |
| ରଣାଙ୍ଗନ | ଯୁଦ୍ଧକ୍ଷେତ୍ର |
| ବିଳପେ | କାନ୍ଦେ |
| ପ୍ରସନ୍ନ | ଆନନ୍ଦିତ |
| ନବ | ନୂଆ |
| ଉନ୍ନତି ପୁଷ୍ପକରଥ | ଉନ୍ନତି ରୂପକ ଦେବରଥ |
| ଅଭୟ | ନିର୍ଭୟ |
| ବର୍ଦ୍ଧିତ | ବଢ଼ିବା |
| ବଟ | ବରଗଛ |
| ବକୁଳ | ବଉଳ |
| ଅଜ୍ଞାତ | ଅଜଣା |
| ସୁପଣ୍ଡିତ | ଜ୍ଞାନୀ |
| ରମଣୀ ପତନେ | ନାରୀର ସ୍ଖଳନ |
| ବିଧାତା | ସୃଷ୍ଟିକର୍ତ୍ତା |
| ସ୍ୟନ୍ଦନ | ରଥ |
| ରତ | ମଜ୍ଜିରହିବା |
| ଲକ୍ଷ୍ମୀବତୀ | ଉତ୍ତମ ଲକ୍ଷଣ ଯୁକ୍ତ |
| ଉଦର | ପେଟ |
| ନିଶୀଥଯାଏ | ରାତିପର୍ଯ୍ୟନ୍ତ |
| ଦାସୀ | ଚାକରାଣୀ |
| ପରବାସୀ | ପ୍ରବାସରେ ଥିଲେ |
| ଅଙ୍ଗନା | ନାରୀ(ସ୍ତ୍ରୀ) |
| ନିର୍ଦ୍ଦୟ | ଦୟାନଥିବା |
| ଶୂର | ବୀର |
| ଏସନ | ଏପରି |
| ମଙ୍ଗଳଧାତା | ଈଶ୍ୱର, ବିଧାତା |
| ପ୍ରେରୁଥିଲା | ପଠାଉଥିଲା |
| ସ୍ୱଜନ | ନିଜଲୋକ |
| ନଭୁଞ୍ଜି | ନଖାଇ |
| ବିଷର୍ଣ୍ଣ | ଦୁଃଖ |
| ଜନନୀ | ମାଆ |
| ଅନୁଦିନ | କ୍ରମଶଃ (ଦିନୁଦିନ) |
| ଗ୍ରାମବୀଥି | ଗାଁର କୁଞ୍ଜ |
| ତମାଳ | ତାଳ |
| ତେଜି | ତ୍ୟାଗକରି |
| ଗଞ୍ଜଣା | ଅତ୍ୟାଚାର |
| ସୁତବର୍ଗେ | ପୁତ୍ରମାନଙ୍କୁ |
| ବିଧାନ | ନିୟମ |
| ବେନି | ଦୁଇ |
| ସୁତସୁତା | ପୁତ୍ରକନ୍ୟା |

## ପ୍ରଶ୍ନୋତ୍ତର

### ଅତିକ୍ଷୁଦ୍ର ଉତ୍ତରମୂଳକ :

୧। ଉତ୍କଳ ଲଳନାକୁ କ'ଣ ବୋଲି ସମ୍ବୋଧନ କରିପାରିବା ?

ଉତ୍କଳ ଲଳନାକୁ କରୁଣ ପ୍ରତିମା, ଅନ୍ନପୂର୍ଣ୍ଣା, ଲକ୍ଷ୍ମୀବତୀ ବୋଲି ସମ୍ବୋଧନ କରିପାରିବା । ଖୁବ୍ ଦୁଃଖିନୀ ସେ । ପାଟି ଫିଟାଇ କିଛି କହି ପାରେନି । ମୁଣ୍ଡପୋତି ସବୁ ସହିଯାଏ ।

୨। ଉତ୍କଳ ଲଳନା କାହାର ଉଦର ପୂରାଏ ?

ଉତ୍କଳ ଲଳନା ନିଜେ ନଖାଇ ନପିଇ ସ୍ୱାମୀ ସନ୍ତାନଙ୍କୁ ସ୍ନେହ ଆଦର କରି ଖୁଆଇଥାଏ । ନିଜେ ଉପବାସରେ ରହିଲେ ମଧ୍ୟ ସେଥିରେ ସେ ଆନନ୍ଦପାଇଥାଏ ।

୩। କାହାପାଇ "ସହିଷ୍ଣୁତାର ମୂର୍ତ୍ତିମତୀ" ଶବ୍ଦ ବ୍ୟବହାର କରାଯାଇଛି ?

ଉତ୍କଳୀୟ ନାରୀକୁ ସହିଷ୍ଣୁତାର ମୂର୍ତ୍ତିମତୀ ବୋଲି ଅଭିହିତ କରାଯାଇଛି । ସେ ସକାଳଠାରୁ ରାତିଯାଏ ଖଟୁଥାଏ । ଘରର ସବୁ କାମ କରୁଥାଏ । ନିନ୍ଦା-ଅପମାନ ସହି ମଧ୍ୟ ପ୍ରତିବାଦର ସ୍ୱର ତୋଳିପାରେନା ।

୪। ସ୍ୱାମୀପୁତ୍ରର ସେବା ସେ କେତେବେଳେ କରିଥାଏ ?

ଉତ୍କଳ ଲଳନା ସେବାର ଉଦାର ମୂର୍ତ୍ତି । ଘରେ ଥିବା ଯାଏ ସ୍ୱାମୀ ସନ୍ତାନଙ୍କର ସବୁ କଥା ବୁଝେ । ସେବାଯତ୍ନ କରେ । ବିଦେଶରେ ଥିଲେ କାନ୍ଦିଥାଏ ।

୫। ସେ କେତେବେଳେ କାନ୍ଦିଥାଏ ?

ସ୍ୱାମୀ, ସନ୍ତାନଙ୍କୁ ନେଇ ସୁଖର ସଂସାରରେ ମଜ୍ଜି ଯାଇଥାଏ ଉତ୍କଳୀୟ ରମଣୀ । ସେମାନେ ଘର ଛାଡ଼ି ବାହାରକୁ ଗଲେ, ପ୍ରବାସରେ ଥିଲେ ସେମାନଙ୍କ ଅବର୍ତ୍ତମାନରେ ମନଦୁଃଖ କରି କାନ୍ଦିଥାଏ ।

୬। ସେ କେଉଁ ନିଗଡ଼ରେ ଦୁଃଖପାଏ ?

ଆମ ସମାଜରେ ନାରୀକୁ ଅବଳା, ଦୁର୍ବଳା ବୋଲି କୁହାଯାଏ । ତା'ର ନିଜସ୍ୱ ସ୍ୱାଧୀନତା ବୋଲି କିଛି ନଥାଏ । ତା'ପାଇଁ ନାନା କଠିନ ନିୟମ କରାଯାଇଥାଏ । ପ୍ରତି ପଦେ ପଦେ ତାକୁ ଅପମାନିତା କରାଯାଏ । ଦେଶାଚାର ରୂପୀ ନିଗଡ଼ ବନ୍ଧନରେ ରହି ସେ ଦୁଃଖ ପାଏ ।

୭। ଉତ୍କଳନାରୀର ଏପରି ଦଶା କିଏ କରିଛନ୍ତି ?

ଉତ୍କଳନାରୀର ଏପରି ଦଶା ପାଇଁ କବି ସୃଷ୍ଟିକର୍ତ୍ତାଙ୍କୁ ଦୋଷାରୋପ କରିଛନ୍ତି । ନାରୀକୁ ସମାଜରେ ଉପଯୁକ୍ତ ସ୍ଥାନ ମିଳୁନଥିଲା । ତାକୁ ଅବଳା, ଦୁର୍ବଳା କହି ଘର କୋଣରେ ବନ୍ଦିନୀ କରି ରଖାଯାଉଥିଲା ।

୮। ସେ ପତିପୁତ୍ରଙ୍କୁ କେଉଁଠାକୁ ପଠାଉଥିଲେ ?

ସେ ପତି, ପୁତ୍ରଙ୍କୁ ବନ୍ଦାପନା କରି ବିଜୟର ତିଳକ ପିନ୍ଧାଇ ଲଢ଼େଇ କରିବା ପାଇଁ ରଣକ୍ଷେତ୍ରକୁ ପଠାଉଥିଲେ । ଶତ୍ରୁର ମୁକାବିଲା କରିବା ପାଇଁ ଉତ୍ସାହ ପ୍ରେରଣା ଦେଉଥିଲେ ।

୯। ସ୍ୱଜନ ପ୍ରବାସ ହେତୁ ଉତ୍କଳ ଲଳନା କ'ଣ କରେ ?

ସ୍ୱଜନ ପ୍ରବାସ ହେତୁ ଉତ୍କଳ ଲଳନା ମନଦୁଃଖ କରେ । ସ୍ମୃତି, ଅନୁଭୂତିକୁ ମନେପକାଇ ଝୁରିହୁଏ କାନ୍ଦେ ।

୧୦। କିଏ ବେଳେବେଳେ ଅଭୟବର ଦିଏ ?

ନାରୀ ହେଉଛି ଗୃହଲକ୍ଷ୍ମୀ । ସେ ସୁଖରେ ରହିଲେ, ଆନନ୍ଦରେ ରହିଲେ ସବୁରି ମଙ୍ଗଳକାମନା କରେ । ସନ୍ତାନକୁ ଅଭୟବର ପ୍ରଦାନ କରେ । ସେ ଦୁଃଖିନୀ ହେଲେ ଘରର ଅମଙ୍ଗଳ ହୋଇଥାଏ ।

୧୧। କବି କାହାକୁ ଉଠିବାକୁ କହିଛନ୍ତି ?

କବି ଉତ୍କଳୀୟ ନାରୀକୁ ଉଠିବାକୁ ଜାଗ୍ରତ ହେବାକୁ କହିଛନ୍ତି । ନାରୀ ଶିକ୍ଷିତା ହେଲେ, ଗୁଣବତୀ ହେଲେ ସେ ଘରକୁ ସଜାଡ଼େ । ସ୍ୱାମୀ ସନ୍ତାନଙ୍କୁ ପ୍ରେରଣା, ସାହସ ଦିଏ । ଭଲବାଟ ଦେଖାଏ । ସେମାନେ ଶିକ୍ଷାପ୍ରାପ୍ତ ହୋଇ ସତ୍ୟଧର୍ମ ପଥରେ ଚାଲି ଦେଶର, ଜାତିର ଉନ୍ନତି ସାଧନ କରନ୍ତି ।

୧୨। କେଉଁମାନେ ଉତ୍କଳଜନନୀର ଦୁଃଖ ଦୂର କରିବେ ?

ନାରୀ ଶିକ୍ଷିତା, ସାହସିନୀ ହେଲେ ସେ ଅନୁରୂପ ଭାବେ ନିଜ ପରିବାରକୁ ଗଢ଼େ । ସ୍ୱାମୀ ସନ୍ତାନଗଣ ଶିକ୍ଷାଦୀକ୍ଷା ପାଇ ବୀରପରି ଲଢ଼େଇ କରି ତ୍ୟାଗ ସ୍ୱୀକାର ପୂର୍ବକ ଉତ୍କଳଜନନୀର ଦୁଃଖ ଦୂର କରିବେ ।

୧୩। ମହିଳାମାନେ ସୁଶିକ୍ଷିତା ହେଲେ କ'ଣ ହୁଏ ?

ମହିଳାମାନେ ସୁଶିକ୍ଷିତା ହେଲେ ପରିବାରର ମଙ୍ଗଳ ସାଧିତ ହୁଏ । ସନ୍ତାନ ଉପଯୁକ୍ତ ଶିକ୍ଷାପାଏ । ବୀରା ନାରୀ ବୀର ସନ୍ତାନକୁ ଜନ୍ମ ଦେଇ ପାଳି ପୋଷି ବଢ଼ାଏ । ଦେଶରକ୍ଷା ପାଇଁ ଯୁଦ୍ଧକୁ ପଠାଏ । ସ୍ୱାମୀ, ସନ୍ତାନଗଣ ଜନ୍ମଭୂମିର ସମ୍ମାନ ରକ୍ଷା କରନ୍ତି ।

୧୪। ବିଧାତାଙ୍କର ବିଧାନ କ'ଣ ?

ବିଧାତାଙ୍କର ସୃଷ୍ଟିରେ ନାରୀ, ପୁରୁଷଙ୍କୁ ସମାନ ସ୍ଥାନ ପ୍ରଦାନ କରାଯାଇଛି । ଦୁହେଁ ଦୁହିଁଙ୍କର ପରିପୂରକ । ଜଣଙ୍କର ଅବର୍ତ୍ତମାନରେ ଅନ୍ୟର ସ୍ଥିତି ବିପନ୍ନ । ଜଣଙ୍କର ମଙ୍ଗଳରେ ଅନ୍ୟର ଉନ୍ନତି । ସମାଜ ରଥର ଦୁଇଟି ଚକ ନାରୀ ଏବଂ ନର । ନାରୀର ପତନରେ ନରର ପତନ । ଏଇ ହେଉଛି ବିଧିର ବିଧାନ ।

୧୫। କାହାକୁ ସମାଜର ଚକ୍ର ବୋଲି କୁହାଯାଇଛି ?

ନାରୀ ଏବଂ ପୁରୁଷଙ୍କୁ ସମାଜର ଚକ୍ର ବୋଲି କୁହାଯାଇଛି । ଦୁଇଜଣଙ୍କର ସହଯୋଗରେ ସମାଜର ରଥ ଆଗେଇ ଚାଲେ । ନାରୀର ଉନ୍ନତିରେ ପୁରୁଷର ଉନ୍ନତି ।

୧୬। କେତେବେଳେ ଉନ୍ନତିର ରଥ ଚାଲିବ ନାହିଁ ?

ନାରୀ ଏବଂ ପୁରୁଷ ସମାଜ ରଥର ଦୁଇଟି ଚକ । ଗୋଟିଏ ଚକ ଖରାପ ହେଲେ ଅନ୍ୟ ଗୋଟିଏ ଚକରେ ରଥ ଚାଲିବ ନାହିଁ । ନାରୀର ପତନରେ ପୁରୁଷର ପତନ ନିଶ୍ଚିତ ।

୧୭। କେଉଁମାନେ ବୀରପୁତ୍ର ପ୍ରସବ କରନ୍ତି ?

ଯେଉଁମାନେ ଶିକ୍ଷିତା, ବୀରାଙ୍ଗନା, ସେମାନେ ବୀରପୁତ୍ରକନ୍ୟା ପ୍ରସବ କରନ୍ତି ।

୧୮। ପୁତ୍ରମାନଙ୍କୁ କାହା ସହ ମହାଦୀକ୍ଷା ଦେବାକୁ କୁହାଯାଇଛି ?

ବୀରାଙ୍ଗନା ମାନେ ବୀରପୁତ୍ର ଜନ୍ମ କରି ସେମାନଙ୍କୁ ସ୍ତନ୍ୟପାନ ସହିତ ମହାଦୀକ୍ଷା (ମହତଶିକ୍ଷା) ଦେବାକୁ କୁହାଯାଇଛି ।

**କ୍ଷୁଦ୍ର ଉତ୍ତରମୂଳକ :**

୧୯। ଉତ୍କଳ ଲଳନା ଉପବାସୀ ରହେ କାହିଁକି ?

ଉତ୍କଳ ଲଳନା ଗୃହର ଲକ୍ଷ୍ମୀ । ସେ ଅନ୍ନପୂର୍ଣ୍ଣା । ସବୁ ପେଟ ଚିହ୍ନି ଖାଇବାକୁ ଦିଏ । ସ୍ୱାମୀ, ସନ୍ତାନ, ପରିବାରଜନଙ୍କୁ ଖାଇବାକୁ ଦେଇ ସେ ଉପବାସରେ ରହିଥାଏ ।

୨୦। ସେ ସହିଷ୍ଣୁତାର ମୂର୍ତ୍ତିମତୀ କିପରି ?

ଉତ୍କଳ ଲଳନା, ସବୁ ଦୁଃଖ, କଷଣ ସହେ । ପ୍ରତିବାଦର ସ୍ୱର ଉଠାଏ ନାହିଁ । ଧରଣୀ ପରି ସବୁଗଞ୍ଜଣା ସହି ସେ ସହିଷ୍ଣୁତାର ପ୍ରତିମୂର୍ତ୍ତି ସାଜେ ।

୨୧। ସେ ସ୍ୱାମୀ ପୁତ୍ର ଦ୍ୱାରା ଅପମାନିତା ହୁଏ କାହିଁକି ?

ଆଗରୁ ଆମ ସମାଜରେ ନାରୀକୁ ହୀନଦୃଷ୍ଟିରେ ଦେଖା ଯାଉଥିଲା । ପୁରୁଷ ପ୍ରଧାନ ପରିବାରରେ ନାରୀକୁ ଅବଳା, ଦୁର୍ବଳା, ଅସହାୟା ଭାବି ଅତ୍ୟାଚାର କରାଯାଏ । ଅପମାନ ଦିଆଯାଏ । ସେ ସବୁ ସହେ ।

୨୨। ତାକୁ ଦେଖିଲେ ମନରେ ଦୁଃଖ ଆସେ କାହିଁକି ?

ଉତ୍କଳୀୟ ନାରୀକୁ ବିଷାଦ ପ୍ରତିମା ବୋଲି କୁହାଯାଇଛି । ତଥାପି ସେ ଦୟା, କ୍ଷମାର ପ୍ରତିମୂର୍ତ୍ତି । ସମାଜର ନିଗଡ଼ ବନ୍ଧନରେ ଛନ୍ଦି ହୋଇ ସେ ଦୁଃଖ ପାଏ ।

୨୩। କବି ବର୍ତ୍ତମାନର ନାରୀକୁ ଦେଖି କ'ଣ ଅନୁଭବ କରିଛନ୍ତି ?

ବର୍ତ୍ତମାନର ନାରୀ ପୁରୁଷ ସହିତ ସମକକ୍ଷା । ସେ ପୁରୁଷ ସହିତ ପାଦ ମିଳାଇ ଚାଲିବାକୁ ସକ୍ଷମ । ବାପ, ମାଆ, ଜ୍ଞାତି, ବନ୍ଧୁ, ସାଙ୍ଗ, ସାଥି, ଘର, ଗାଁ ପରିବେଶ ଛାଡ଼ି ପରଘରେ ଯାଇ ନିଜର ଭବିଷ୍ୟତ ଗଢ଼େ । ପରିବାରର ଉନ୍ନତି ସାଧନ କରେ ।

୨୪। ମହିଳାମାନେ ସୁଶିକ୍ଷିତା ହେବାକୁ ପରାମର୍ଶ ଦିଆଯାଇଛି କାହିଁକି ?

ନାରୀ ଓ ପୁରୁଷ, ଗୋଟିଏ ବୃନ୍ତର ଦୁଇଟି କଳିକା । ଜଣଙ୍କର ଉନ୍ନତିରେ ଅନ୍ୟର ଉନ୍ନତି । ଦୁହିଁଙ୍କର ପ୍ରଗତିରେ ସମାଜର ସମୃଦ୍ଧି । ଶିକ୍ଷିତା ନାରୀ ସୁସନ୍ତାନକୁ ଜନ୍ମଦେଇ ତାକୁ ପାଳି ପୋଷି ବଢ଼ାଏ । ଭଲମଣିଷ କରେ ।

୨୫। ପୁରୁଷ ଓ ସ୍ତ୍ରୀ ସଂପର୍କ କିପରି ହେବା ଉଚିତ ?

ପୁରୁଷ ଓ ନାରୀ ସମାଜ ରଥର ଦୁଇଟି ଚକ । ଦୁହେଁ ଦୁହିଁଙ୍କର ପରିପୂରକ । ଜଣକର ଅବର୍ତ୍ତମାନରେ ଅନ୍ୟର ସ୍ଥିତି ନଗଣ୍ୟ । ନାରୀର ପତନରେ ନରର ସ୍ଖଳନ । ଦୁହିଁଙ୍କର ସଂପର୍କ ମଧୁର, ନିବିଡ଼ । ସେମାନେ ପରସ୍ପରକୁ ଠିକରୂପେ ବୁଝିପାରିବା ଆବଶ୍ୟକ ।

୨୬। ଉନ୍ନତିର ସ୍ୟନ୍ଦନ କାହିଁକି ଚାଲିବ ନାହିଁ ?

ସ୍ୟନ୍ଦନ ଚାଲିବା ପାଇଁ ଚକ ଗଡ଼ିବା ଆବଶ୍ୟକ । ପୁରୁଷ ଓ ନାରୀ ସମାଜରୂପୀ ସ୍ୟନ୍ଦନର ଦୁଇଟି ଚକ । ଗୋଟିକର ଅଭାବରେ ଅନ୍ୟଟି ସମାଜ ସ୍ୟନ୍ଦନକୁ ଟାଣିପାରିବ ନାହିଁ । ଦୁହିଁଙ୍କର ସହଯୋଗରେ ସମାଜର ଉନ୍ନତି ହୋଇଥାଏ ।

୨୭। କର୍ତ୍ତବ୍ୟର ମହାଦୀକ୍ଷା କିଏ କାହାକୁ ଦିଏ ବୋଲି କବି କହିଛନ୍ତି ?

ନାରୀ ଶିକ୍ଷିତା, ସାହସିନୀ, ବୀରାଙ୍ଗନା ହେଲେ ସେ ବୀର ସନ୍ତାନଙ୍କୁ ଜନ୍ମଦିଏ । ସନ୍ତ୍ୟପାନ ସହିତ ସେମାନଙ୍କୁ ମହାଦୀକ୍ଷା ଦେଇ ଭଲମଣିଷ କରି ଗଢ଼େ ।

**ନିର୍ଦ୍ଦିଷ୍ଟ ଉତ୍ତର ମୂଳକ :**

୨୮। ଗଦ୍ୟରୂପ ଲେଖ :

| | |
|---|---|
| ପରବାସୀ | ପ୍ରବାସୀ |
| ପ୍ରେରୁଥିଲା | ପ୍ରେରଣ କରୁଥିଲା |

୨୯। 'ଅ' ଉପସର୍ଗ ବ୍ୟବହାର କରି ବିପରୀତ ଶବ୍ଦ ଲେଖ :

| | |
|---|---|
| ମଙ୍ଗଳ | ଅମଙ୍ଗଳ |
| ଭୟ | ଅଭୟ |
| ସହିଷ୍ଣୁ | ଅସହିଷ୍ଣୁ |
| ଶିକ୍ଷିତ | ଅଶିକ୍ଷିତ |
| କର୍ତ୍ତବ୍ୟ | ଅକର୍ତ୍ତବ୍ୟ |

୩୦। ବାକ୍ୟ ଗଠନ କର :

ପାଇଟି : ଘରଣୀ ଘରର ସବୁ ପାଇଟି କରେ ।

ପ୍ରବାସ : ସ୍ୱାମୀ ପ୍ରବାସରେ ରହିଲେ ଘରଣୀ ଦୁଃଖପାଏ ।

ନିର୍ଦ୍ଦୟ : ନିର୍ଦ୍ଦୟ ଲୋକର ହୃଦୟ ପଥର ପରି ।

ସ୍ୱଜନ : ସ୍ୱଜନଙ୍କ ସହିତ ସୁସଂପର୍କ ରକ୍ଷା କରିବା ଉଚିତ୍ ।

ଦୁର୍ଦ୍ଦଶା : ଅନ୍ୟର ଦୁର୍ଦ୍ଦଶା ବେଳେ ସାହାଯ୍ୟ କରିବା ଉଚିତ୍ ।

୩୧। ଶୂନ୍ୟସ୍ଥାନ ପୂରଣ କର :

ବିଳପେ ନ ଭୁଞ୍ଜି ଅନ୍ନ ।

ବୀରାଙ୍ଗନାକୁଳ ବୀର ସୁତାସୁତ ।

ସୁଶିକ୍ଷିତା ହେଲେ ମହିଳା ମଣ୍ଡଳୀ ।

ଦିଗବିଜୟୀ ସୁପଣ୍ଡିତ ।

କର୍ତ୍ତବ୍ୟେ କରନ୍ତି ରତ ।

୩୨। କବିତାରେ ଉତ୍କଳ ଲଳନାକୁ କେଉଁ କେଉଁ ବିଶେଷଣରେ ସମ୍ବୋଧିତ କରାଯାଇଛି ?

| | |
|---|---|
| କରୁଣ ପ୍ରତିମା | ଅନ୍ନପୂର୍ଣ୍ଣା |
| ଲକ୍ଷ୍ମୀବତୀ | ସତୀ |
| ଗୃହଲକ୍ଷ୍ମୀ | ସହିଷ୍ଣୁତା |
| ବିଷାଦ ପ୍ରତିମା | ଦୟା, କ୍ଷମା ମୂର୍ତ୍ତି |
| ଅଙ୍କଲକ୍ଷ୍ମୀ | ବୀରପୂଜ୍ୟା |
| ବୀରମାତା | ବୀରାଙ୍ଗନା |